# NATIONAL NEWS BULLETIN (ODIA)

## 01st March - 2025

## Morning Bulletin : 7.15 a.m.

*********************************

ଆକାଶବାଣୀ.....      ସମ୍ବାଦ ପଢୁଛନ୍ତି.....      **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ସୁଫି ପରମ୍ପରା ଭାରତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି; କହିଲେ ପ୍ରଧାନମନ୍ତ୍ରୀ ।
- କୃଷି ଓ ଗ୍ରାମୀଣ ସମୃଦ୍ଧି ଉପରେ ଆଧାରିତ ବଜେଟ୍ ପରବର୍ତ୍ତୀ ୱେବିନାର୍‌କୁ ଆଜି ପ୍ରଧାନମନ୍ତ୍ରୀ କରିବେ ସମ୍ବୋଧନ ।
- ନିର୍ଦ୍ଦେଶାବଳୀ ଉଲ୍ଲଙ୍ଘନ ନେଇ କେତୋଟି ବ୍ୟାଙ୍କ୍ ଓ ଆର୍ଥିକ ସଂସ୍ଥାକୁ ଜରିମାନା ଧାର୍ଯ୍ୟ କଲା ଆର୍.ବି.ଆଇ. ।
- ଆମେରିକା ଓ ୟୁକ୍ରେନ୍ ମଧ୍ୟରେ ଅସଫଳ ହେଲା ବିରଳ ଖଣିଜ ପଦାର୍ଥ ସଂକ୍ରାନ୍ତ ଆଲୋଚନା ।

ଏବଂ

- ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାରେ ଅଷ୍ଟ୍ରେଲିଆ ଓ ଆଫଗାନିସ୍ତାନ ମ୍ୟାଚ୍ ବର୍ଷାଯୋଗୁଁ ବାଧାପ୍ରାପ୍ତ ।

— ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହେଲା ଅଷ୍ଟ୍ରେଲିଆ ।

## ପି.ଏମ୍. - ଖୁସ୍‌ରାଓ

ସୁଫି ପରମ୍ପରା ଭାରତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ନୂଆଦିଲ୍ଲୀରେ ଗତକାଲି ଆୟୋଜିତ ଜାହାଁ ଏ-ଖୁସ୍‌ରାଓ ସୁଫି ସଙ୍ଗୀତ ସମ୍ମିଳନୀରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି, ସଂସ୍କୃତି ଏବଂ ସଭ୍ୟତା ସେହି ଦେଶର ଗୀତ ଓ ସଙ୍ଗୀତ ମାଧ୍ୟମରେ ସମୃଦ୍ଧ ହୋଇଥାଏ । ଦେଶର ସଂସ୍କୃତି ଏବଂ କଳା କ୍ଷେତ୍ରକୁ ସମୃଦ୍ଧ କରିବା ଦିଗରେ ଏଭଳି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

***Voice** :..........*

ଆଗାମୀ ରମ୍‌ଜାନ ଅବସରରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସୂଚନାଯୋଗ୍ୟ, ଏହି ମହୋତ୍ସବ ଚଳିତ ବର୍ଷ ୨୫ତମ ବାର୍ଷିକୀ ପାଳନ କରୁଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଟି.ଇ.ଏଚ୍. ବଜାର ପରିଦର୍ଶନ କରିଥିଲେ । ଏଥିରେ 'ଏକ ଜିଲ୍ଲା - ଏକ ଉତ୍ପାଦ' ହସ୍ତଶିଳ୍ପ

ଆଧାରରେ ଉତ୍କୃଷ୍ଟ କଳାକୃତି, ହସ୍ତଶିଳ୍ପ ଏବଂ ହସ୍ତତନ୍ତ ସାମଗ୍ରୀ ପ୍ରଦର୍ଶନୀ ଅନୁଷ୍ଠିତ ହେଉଛି । ଏହି ସମ୍ମିଳନୀ ଆସନ୍ତାକାଲି ଉଦ୍‌ଯାପିତ ହେବ ।

## ଭି.ପି. - ମୁମ୍ବାଇ

ଉପରାଷ୍ଟ୍ରପତି ଜଗଦୀପ୍ ଧନଖଡ଼୍ ଆଜି ମୁମ୍ବାଇ ଗସ୍ତରେ ଯିବେ । କେ.ପି.ବି. ହିନ୍ଦୁଜା କଲେଜ୍ ଅଫ୍ କମର୍ସ ବାର୍ଷିକ ସମାରୋହରେ ଶ୍ରୀ ଧନଖଡ୍ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

## ପି.ଏମ୍. - ଏଗ୍ରିକଲ୍‌ଚର ୱେବିନାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୃଷି ଓ ଗ୍ରାମୀଣ ସମୃଦ୍ଧି ଉପରେ ଆଧାରିତ ବଜେଟ୍ ପରବର୍ତ୍ତୀ ୱେବିନାର୍‌କୁ ଆଜି ସମ୍ବୋଧନ କରିବେ । ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହେବାକୁ ଥିବା ଏହି ଦିନିକିଆ କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ ଯୋଗଦେବେ । କୃଷି ଓ ଗ୍ରାମୀଣ କ୍ଷେତ୍ର ଲାଗି ବଜେଟ୍ ପ୍ରସ୍ତାବଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟକାରିତା ଲାଗି ରଣନୀତି ପ୍ରସ୍ତୁତ କରିବା ନେଇ ଏହି ୱେବିନାର୍‌ରେ ମତ ବିନିମୟ ହେବ । ଏକ ସହଯୋଗୀ

ଆଭିମୁଖ୍ୟକୁ ସୁନିଶ୍ଚିତ କରିବା ସହିତ କୃଷି ଅଭିବୃଦ୍ଧି ଏବଂ ଗ୍ରାମୀଣ ସମୃଦ୍ଧି ଲାଗି ଏହି ଆଲୋଚନା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ବଜେଟ୍ ପ୍ରସ୍ତାବ ଆଧାରିତ ଲକ୍ଷ୍ୟ ହାସଲ ଦିଗରେ ସମୟୋଚିତ ଏବଂ ସମନ୍ୱିତ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବାପାଇଁ ବୈଠକରେ ମତ ବିନିମୟ ହେବ । କୃଷି ଓ ଗ୍ରାମୀଣ ସମୃଦ୍ଧି କ୍ଷେତ୍ରପାଇଁ ଘରୋଇ କ୍ଷେତ୍ରକୁ ସାମିଲ କରିବାକୁ ଶିଳ୍ପ ପ୍ରତିନିଧି ଏବଂ ବିଶେଷଜ୍ଞଙ୍କ ସମେତ ପ୍ରମୁଖ ଅଂଶୀଦାରଙ୍କୁ ଏକାଠି କରି କାର୍ଯ୍ୟକରିବା ଉପରେ ଏହି ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି ।

## ଆର୍.ବି.ଆଇ. - ପେନାଲ୍‌ଟି

ହଂକଂ ଏବଂ ସାଙ୍ଘାଇ ବ୍ୟାଙ୍କିଂ କର୍ପୋରେସନ ଲିମିଟେଡ୍ ଉପରେ ଭାରତୀୟ ରିଜର୍ଭ ବ୍ୟାଙ୍କ୍ - ଆର୍.ବି.ଆଇ. ୬୬ ଲକ୍ଷ ୬୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛି । ଆର୍.ବି.ଆଇ. ନିୟାମକ ନିର୍ଦ୍ଦେଶାବଳୀ ଉଲ୍ଲଙ୍ଘନ ଅଭିଯୋଗରେ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି । ଏହି ଦୁଇ ବ୍ୟାଙ୍କ୍ ବିରୋଧରେ କେ.ୱାଇ.ସି. ନିୟମରେ ତ୍ରୁଟି, ବିଦେଶୀ ମୁଦ୍ରା ନିବେଶ ରିପୋର୍ଟ ପ୍ରସ୍ତୁତିରେ ବିଫଳତା ଏବଂ ସଞ୍ଚୟ ଖାତା ଖୋଲିବାରେ ଅନିୟମିତତା ସଂକ୍ରାନ୍ତ ଅଭିଯୋଗ ରହିଛି । ଅଭିଯୋଗ ନେଇ ଆର୍.ବି.ଆଇ. ପକ୍ଷରୁ ଯାଞ୍ଚ୍ କରାଯିବା

ପରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ସେହିଭଳି କେ.ଓ୍ୱାଇ.ସି. ଏବଂ ଋଣ ବର୍ଗୀକରଣ ନିୟମ ସମେତ ଆର୍.ବି.ଆଇ. ନିୟାମକ ନିର୍ଦ୍ଦେଶାବଳୀ ଉଲ୍ଲଙ୍ଘନ ଅଭିଯୋଗ ନେଇ ଆଇ.ଆଇ.ଏଫ୍.ଏଲ୍. ସମତା ଫାଇନାନ୍ସ ଲିମିଟେଡ୍ ଉପରେ ୩୩ ଲକ୍ଷ ୧୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି ।

## ଲ୍ୟୁକ୍ - ଅଙ୍ଗନୱାଡ଼ି

ବିଶିଷ୍ଟ ସାମଗ୍ରିକ ସ୍ୱାସ୍ଥ୍ୟ ପ୍ରଶିକ୍ଷକ ତଥା ଲ୍ୟୁକ୍ କୁଟିନ୍‌ହୋ ହୋଲିଷ୍ଟିକ୍ ହିଲିଂ ସିଷ୍ଟମ୍‌ର ସହ-ପ୍ରତିଷ୍ଠାତା ଲ୍ୟୁକ୍ କୁଟିନ୍‌ହୋ ନୂଆଦିଲ୍ଲୀର ଏକ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ । ପୋଷଣ ଅଭିଯାନର କାର୍ଯ୍ୟକାରିତା ନେଇ ସେ ପ୍ରତ୍ୟକ୍ଷଭାବେ ସମୀକ୍ଷା କରିଥିଲେ । ଏହି ଅବସରରେ ଅଙ୍ଗନୱାଡ଼ି କର୍ମୀ ଏବଂ ଅନ୍ତେବାସୀଙ୍କ ସହ ଶ୍ରୀ କୁଟିନ୍‌ହୋ ଆଲୋଚନା କରିଥିଲେ । ଉତ୍ତମ ପୋଷଣ ଏବଂ ସୁସ୍ଥ ଜୀବନଶୈଳୀ ଲାଗି ଶ୍ରୀ କୁଟନ୍‌ହୋ ଗୁରୁତ୍ୱ ଦେଇଥିଲେ । ସୁସ୍ଥ ଭାରତ ଗଠନପାଇଁ ମେଦବହୁଳତାର ମୁକାବିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ । ଏକ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣକୁ ଶ୍ରୀ କୁଟିନ୍‌ହୋ ପ୍ରଶଂସା କରିଥିଲେ ।  ସୁଷମ ଖାଦ୍ୟ, ସକ୍ରିୟ ଜୀବନଶୈଳୀ ଏବଂ ମେଦବହୁଳତା

ମୁକାବିଲା ଦିଗରେ ସଚେତନତା ସୃଷ୍ଟି ନେଇ ଶ୍ରୀ କୁଟିନ୍‌ହୋ ପରାମର୍ଶ ଦେଇଥିଲେ ।

## ପି.ଏମ୍. ଏନ୍.ଏକ୍ସ.ଟି. କନ୍‌କ୍ଲେଭ୍

ପ୍ରଧାନମନ୍ତ୍ରୀ ମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆୟୋଜିତ ଏନ୍.ଏକ୍ସ.ଟି. ସମ୍ମିଳନୀରେ ଯୋଗଦେବେ । ଏହି ଅବସରରେ ନ୍ୟୁଜ୍ ଏକ୍ସ ୱ୍ୱାର୍ଲଡ୍ ଚ୍ୟାନେଲର ଉନ୍ମୋଚନ କରିବେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଆଇ.ଟି.ଭି. ନେଟ୍‌ୱାର୍କ ଏବଂ ଫାଉଣ୍ଡେସନ୍ ସଂସ୍ଥାକୁ ଏହି ସମ୍ମିଳନୀର ଆୟୋଜନ ନେଇ ପ୍ରଶଂସା କରିଛନ୍ତି । ସମାଜର ବିଭିନ୍ନ ବର୍ଗର ଲୋକ ଏଥିରେ ଅଂଶଗ୍ରହଣ କରୁଛନ୍ତି ଏବଂ ସେମାନଙ୍କ ମଧ୍ୟରେ ବହୁ ଫଳପ୍ରଦ ଆଲୋଚନା ହେବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

## ଟ୍ରମ୍ପ୍ - ଜେଲେନେସ୍କି

ଆମେରିକା ଏବଂ ୟୁକ୍ରେନ୍ ମଧ୍ୟରେ ବିରଳ ଖଣିଜ ପଦାର୍ଥ ସଂକ୍ରାନ୍ତ ଆଲୋଚନା ଅସଫଳ ହୋଇଛି । ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ୍ ଏବଂ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍‌ଦିମିରି ଜେଲେନେସ୍କିଙ୍କ ମଧ୍ୟରେ ହୋଇଥିବା ଏହି ଆଲୋଚନା ବାଧାପ୍ରାପ୍ତ ହୋଇଛି । ୱାଶିଂଟନ୍‌ରେ ଗତକାଲି ଅନୁଷ୍ଠିତ ଏହି ଆଲୋଚନା ବୈଠକରେ କୌଣସି ନିଷ୍କର୍ଶ ବାହାରିପାରି ନାହିଁ । ଆଲୋଚନା ପରେ ଗଣମାଧ୍ୟମକୁ ସୂଚନା ଦେଇ ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ୍ କହିଛନ୍ତି, ଶ୍ରୀ ଜେଲେନେସ୍କି ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କ ପ୍ରତି ଘୃଣାଭାବ ରଖୁଛନ୍ତି । ସେଥିପାଇଁ ଏହି ଆଲୋଚନା ସଫଳ ହୋଇପାରି ନାହିଁ । ଯୁଦ୍ଧର ସମାଧାନପାଇଁ ଆଲୋଚନାରେ ରୁଷ୍ ରାଷ୍ଟ୍ରପତିଙ୍କ ସହ କୌଣସି ପ୍ରକାର ବୁଝାମଣା ସମ୍ଭବ ନୁହେଁ ବୋଲି ଶ୍ରୀ ଜେଲୋନେସ୍କି କହିଥିବା ଶ୍ରୀ ଟ୍ରମ୍ପ୍ ସୂଚନା ଦେଇଛନ୍ତି । ଏଭଳି ଚିନ୍ତାଧାରା ତୃତୀୟ ବିଶ୍ୱଯୁଦ୍ଧର କାରଣ ହୋଇପାରେ ବୋଲି ଶ୍ରୀ ଟ୍ରମ୍ପ୍ ଆଲୋଚନାବେଳେ ଶ୍ରୀ ଜେଲେନେସ୍କିଙ୍କୁ କହିଥିବା ଜଣାପଡ଼ିଛି । ଶ୍ରୀ ଜେଲେନେସ୍କି ଏହି ଗୁରୁତ୍ୱପୂର୍ଣ୍ଣ ଖଣିଜ ଚୁକ୍ତି ଆଲୋଚନା ବୈଠକରୁ ଉଠି ଚାଲିଯାଇଥିଲେ । ହ୍ୱାଇଟ୍ ହାଉସ୍ ଛାଡ଼ିବାର କିଛି ସମୟ ପରେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଜେଲେନେସ୍କି ୟୁକ୍ରେନ୍‌କୁ ସମର୍ଥନ ଜଣାଇଥିବାରୁ ଆମେରିକା ରାଷ୍ଟ୍ରପତି, କଂଗ୍ରେସ ଏବଂ ଆମେରିକୀୟ ଜନତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# କୋଲ୍ - ମୁଭ୍‌ମେଣ୍ଟ ଡବଲସ୍

ଗତ ଦୁଇ ବର୍ଷ ମଧ୍ୟରେ ଦେଶରେ କୋଇଲା ପରିବହନ ଦ୍ୱିଗୁଣିତ ହୋଇଛି । କୋଇଲା ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ରେଳ-ସମୁଦ୍ର-ରେଳ ମାଧ୍ୟମରେ କୋଇଲା ପରିବହନ ୨୦୨୨ ମସିହାରେ ୨୮ ନିୟୁତ ମେଟ୍ରିକ୍ ଟନ୍ ଥିବା ବେଳେ ୨୦୨୪ରେ ଏହି ପରିମାଣ ୫୪ ନିୟୁତ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଛି । ଏଥିରେ କୁହାଯାଇଛି, ରେଳ-ସମୁଦ୍ର-ରେଳ ପଦ୍ଧତିରେ କୋଇଲା ନିଷ୍କାସନର ଏକ ଅତିରିକ୍ତ ବିକଳ୍ପ ମାଧ୍ୟମ ପାଲଟିବା ଯୋଗୁଁ ରେଳ ମାର୍ଗରେ ଭିଡ଼ ହ୍ରାସ ପାଇଛି ଏବଂ କୋଇଲା ପରିବହନ ବୃଦ୍ଧି ପାଇଛି । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଦେଶରେ ଥିବା ପାୱାରପ୍ଲାଣ୍ଟ ଗୁଡ଼ିକ ପାଇଁ ରେଳ-ସମୁଦ୍ର-ରେଳ ମାର୍ଗ ମାଧ୍ୟମରେ ଖଣିରୁ ଘରୋଇ କୋଇଲା ପରିବହନ କରାଯାଉଛି । କୋଇଲା ମନ୍ତ୍ରଣାଳୟ ଇତିମଧ୍ୟରେ ରେଳ-ସମୁଦ୍ର-ରେଳ ପଦ୍ଧତିକୁ ପ୍ରୋତ୍ସାହିତ କରିବା ଲାଗି ପଦକ୍ଷେପ ନେଉଥିବା ଜଣାପଡ଼ିଛି । ଏହି ବ୍ୟବସ୍ଥା ଦ୍ୱାରା ଉପଭୋକ୍ତାମାନଙ୍କୁ ନିରବଚ୍ଛିନ୍ନ ଭାବେ କୋଇଲା ମିଳିପାରୁଛି ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରଦାନ କରିଛି ।

# ଆଇ.ସି.ସି. ଚାମ୍ପିୟନ୍ସ୍ ଟ୍ରଫି

ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାରେ ଗତକାଲି ଅଷ୍ଟ୍ରେଲିଆ ଏବଂ ଆଫଗାନିସ୍ତାନ ମ୍ୟାଚ୍ ବର୍ଷା ଯୋଗୁଁ ସମ୍ଭବ ହୋଇପାରି ନାହିଁ । ପାକିସ୍ତାନର ଲାହୋର୍‌ଠାରେ ଅନୁଷ୍ଠିତ ଗ୍ରୁପ୍-ବି' ପର୍ଯ୍ୟାୟର ଏହି ମ୍ୟାଚ୍ ବର୍ଷା ଯୋଗୁଁ ଅଧାରୁ ବନ୍ଦ ହୋଇଯାଇଥିଲା । ଟସ୍ ଜିତି ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୫୦ ଓଭର୍‌ରେ ଆଫଗାନିସ୍ତାନ ୨୭୩ ରନ୍ ସଂଗ୍ରହ କରିଥିଲା । ୨୭୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ୧୨ ଓଭର୍ ଏବଂ ୫ଟି ବଲ୍‌ରେ ଗୋଟିଏ ୱିକେଟ୍ ହରାଇ ୧୦୯ ରନ୍ ସଂଗ୍ରହ କରିଥିବାବେଳେ ବର୍ଷା ଯୋଗୁଁ ମ୍ୟାଚ୍‌କୁ ବନ୍ଦ ରଖାଯାଇଥିଲା । ଏଥିସହ ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ହାସଲ କରିଥିଲେ । ଅଷ୍ଟ୍ରେଲିଆ ୩ଟି ମ୍ୟାଚ୍‌ରୁ ୪ ପଏଣ୍ଟ୍ ହାସଲ କରି ସେମିଫାଇନାଲ୍‌ରେ ପହଞ୍ଚିଛି । ଅନ୍ୟପକ୍ଷରେ ଆଫଗାନିସ୍ତାନ ଏବଂ ଦକ୍ଷିଣ ଆଫ୍ରିକା ୩ ପଏଣ୍ଟ୍ ଲେଖାଏଁ ହାସଲ କରିଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକାକୁ ଉନ୍ନତ ରନ୍‌ରେଟ୍ ଯୋଗୁଁ ଏହା ଗ୍ରୁପ୍ ପର୍ଯ୍ୟାୟ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି ।

ଆଜି ଇଂଲଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ କରାଚିଠାରେ ମ୍ୟାଚ୍ ଖେଳାଯିବ । ଏହି ମ୍ୟାଚ୍ ଅମୀମାଂସିତ ରହିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହେବ । ତେବେ ଯଦି ଇଂଲଣ୍ଡ ଦକ୍ଷିଣ ଆଫ୍ରିକାକୁ ଅତି କମ୍‌ରେ ୨୦୭ ରନ୍ ବ୍ୟବଧାନରେ ପରାସ୍ତ କରେ,

ତେବେ ଆଫଗାନିସ୍ତାନ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହେବାର ସମ୍ଭାବନା ରହିଛି ।

## ଡବ୍ଲ୍ୟୁ.ପି.ଏଲ୍. କ୍ରିକେଟ୍

ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍ ପ୍ରତିଯୋଗିତାରେ ଗତକାଲିର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ବିଜୟୀ ହୋଇଛି । ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଦିଲ୍ଲୀ ୯ ୱିକେଟ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି । ଦିଲ୍ଲୀ କ୍ୟାପିଟ୍‌ଲ୍ସ ଟସ୍ ଜିତି ଫିଲ୍‌ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ବିନିମୟରେ ୧୨୩ ରନ୍ ସଂଗ୍ରହ କରିଥିଲା । ୧୨୪ ରନ୍‌ର ବିଜୟ ଲକ୍ଷ୍ୟକୁ ଦିଲ୍ଲୀ ଗୋଟିଏ ୱିକେଟ୍ ବିନିମୟରେ ୩୩ଟି ବଲ୍ ବାକିଥାଇ ହାସଲ କରିଥିଲା । ଜେସ୍ ଜୋନାସେନ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଏହି ବିଜୟ ସହ ଦିଲ୍ଲୀ କ୍ୟାପିଟାଲ୍ସ ତାଲିକାର ଶୀର୍ଷ ସ୍ଥାନରେ ରହିଛି । ଆଜି ବେଙ୍ଗାଲୁରୁଠାରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ସନ୍ଧ୍ୟା ସାଢ଼େ ୭ଟାରେ ମ୍ୟାଚ୍ ଖେଳାଯିବ ।

# ଆଇ.ଏସ୍.ଏଲ୍. ଫୁଟ୍‌ବଲ୍

ଇଣ୍ଡିଆନ୍ ସୁପର୍ ଲିଗ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଗତକାଲିର ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଓଡ଼ିଶା ଏଫ୍.ସି. ଏବଂ ମହମ୍ମଦାନ୍ ସ୍ପୋର୍ଟିଂ କ୍ଲବ୍ ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚ୍ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଛି । ଉଭୟ ଦଳକୁ ଗୋଟିଏ ଲେଖାଏଁ ପଏଣ୍ଟ ମିଳିଛି । ଆସନ୍ତା ୫ ତାରିଖରେ ଓଡ଼ିଶା ଏଫ୍.ସି. ତା'ର ଶେଷ ଲିଗ୍ ମ୍ୟାଚ୍ ଜାମ୍‌ସେଦ୍‌ପୁର ଏଫ୍.ସି. ସହିତ ଖେଳିବ ।

*****